*E-mail / Post / Speed Post / Spl. Messenger*


**OFFICE OF THE TAHASILDAR, LEPHRIPARA : DIST- SUNDARGARH**

(Revenue & Disaster Management Deptt., Govt. of Odisha)

E-mail ID- tah.lephri-od@nic.in

Gmail ID- tahasillephripara@gmail.com


Letter No. 2344 /Dt:- 5-11-20 /

To,

The District Informatics Officer
NIC, Sundargarh.

Sub:- Hoisting of advertisement for auction of sairat source.

Sir,

In inviting a kind reference to the subject cited above, I am to send herewith the advertisement for auction of sairat sources for the year 2021-26 available under this Tahasil for taking further necessary action towards hoisting into the district website for wide publication.

This is for favour of your kind information and necessary action.

Yours faithfully

Tahasildar, Lephripara

# ତହସିଲ କାର୍ଯ୍ୟାଳୟ, ଲେଫ୍ରିପଡା

**ବିଜ୍ଞପ୍ତି ସଂଖ୍ୟା 2341 ତାରିଖ 5-11-2020**

## ଲଘୁ ଖଣିଜ ସକାଶେ ଲିଜ ଇସ୍ତାହାର

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଲେଫ୍ରିପଡା ତହସିଲ ନିମ୍ନ ସାରଣୀରେ ଉଲ୍ଲିଖିତ ଲଘୁ ଖଣିଜ ଖାଦାନ ଗୁଡିକର ଆସନ୍ତା 5 (ପାଞ୍ଚ) (2021-22 to 2025-26) ବର୍ଷ ନିମନ୍ତେ ଲିଜ୍ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର ଲେଫ୍ରିପଡାଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ Odisha Minor Mineral Concession Rule- 2016 ର Form-M ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି Sealed Cover ରେ ଆବେଦନ କରିବେ । ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା 19.11.2020 ରିଖ ସୁଦ୍ଧା ତହସିଲ ଅଫିସରେ ଥିବା Drop box ରେ ପକାଯିବ । ସେହିଦିନ Tander Box ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଲିଜ ଚୂଡାନ୍ତ କରାଯିବ । ପ୍ରଥମ ତାରିଖରେ ଲିଜ ପାଇଁ ଚୂଡାନ୍ତ ହୋଇ ନପାରିଲେ , ଦ୍ୱିତୀୟ ତାରିଖ ତା 26.11.2020 ଏବଂ ତୃତୀୟ ତାରିଖ ତା 03.12.2020 ରିଖ ରେ କରାଯିବ ।

1. ଦରଖାସ୍ତ ଫି ସକାଶେ ଟ. 1000.00 (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ ।
2. କୌଣସି ମାଇନିଙ୍ଗ ବାବଦକୁ ବକେୟା ଦେୟ ନଥିବା ତଥା Mines & Minerals (Development & Registration) Act. 1957 ଅନ୍ତର୍ଗତ କୌଣସି ମୋକଦ୍ଦମାରେ ଦୋଷୀ ସାବ୍ୟସ୍ତ ହୋଇ ନଥିବା ନେଇ ଏକ ସତ୍ୟପାଠ
3. ଆବେଦନକାରୀଙ୍କ Solvency Certificate ଯାହାକି ଏକ ବର୍ଷ ପର୍ଯ୍ୟନ୍ତ ବୈଧ ଥିବ ।
4. Earnest Money ପାଇଁ ଡିମାଣ୍ଡ ଡ୍ରାଫ ଯାହାର ମୂଲ୍ୟ ଆବେଦନକାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଅତିରିକ୍ତ ଚାର୍ଜ ଏବଂ Royalty (ଏକ ବର୍ଷ) ର ମିଶି 5% ଠାରୁ କମ୍ ହୋଇନଥିବ ।
5. ଅନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ ଦକ୍ଷତା, ଆର୍ଥିକ ସ୍ଥିତି, ଯନ୍ତ୍ରପାତି ଇତ୍ୟାଦି ର ନକଲ ଦାଖଲ କରିବେ ।
6. ଦ୍ରବ୍ୟ ଏବଂ ଟିକସ (GST Certificate) ର ନକଲ ।

# ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନର ବିବରଣୀ

| କ୍ରମ ସଂଖ୍ୟା | ସୈରାତ ଉତ୍ସର ନାମ | ସୈରାତ ଉତ୍ସର ବିବରଣୀ | | | | | ସର୍ବ ନିମ୍ନ ପ୍ରତ୍ୟାଭୂତ ପରିମାଣର (minimum guaranteed Quantity) ଲଘୁ ଖଣିଜାତ ଦ୍ରବ୍ୟ (ଘ.ମି ରେ) | ଘନ ମିଟର ପ୍ରତି ସର୍ବନିମ୍ନ Minimun addl.charge) ଟଙ୍କାରେ | ବଇନା ରାଶି (earnest Money) ଟଙ୍କାରେ | କେଉଁ ବର୍ଷରୁ ନୂତନ ଲିଜ ଲାଗୁ | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|
| | | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | କିସମ | ଏରିଆ | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | ଲୁଥୁରକେନ୍ଦ ବାଲିଘାଟ | ଲୁଥୁରକେନ୍ଦ | 65 | 301, 468, 459 | ନଦୀ | 8.12 | 700 | 45 | 1610.00 | 20-21 to 2425 | |
| 2 | ଲେଫ୍ରିପଡା ବାଲିଘାଟ- 2 | ଲେଫ୍ରିପଡା | 245 | 1697 | ନଦୀ | 12.00 | 1000 | 45 | 2285.00 | 20-21 to 24-25 | |

## ସର୍ତ୍ତାବଳୀ

1. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଆଇନ ରିହାତି ନିୟମ 2016 ପରିସର ଭୁକ୍ତ ରହିବେ ।
2. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଚିହ୍ନିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶଗ୍ରହଣ କରିବେ ।
3. ଲିଜ ପରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
4. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।
5. ବାଲି ପାଇଁ ସର୍ବନିମ୍ନ ରୟାଲଟି ମୂଲ୍ୟ (Per Cu.M) ଟ. 35 ରହିବ ।
6. ସରକାରୀ Additional Charge ଧାର୍ଯ୍ୟ ଦରଠାରୁ କମ ଦାମରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନ କରିଥିବା ଦରଖାସ୍ତକାରୀଙ୍କର ଦରଖାସ୍ତ ଖାରଜ କରିଦିଆଯିବ ।

7. ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଏବଂ ସର୍ବାଧିକ Additional Charge ର ମୂଲ୍ୟ ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବ ।

8. ଲିଜଧାରୀ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଠିକ ହୋଇଥିବା Security ରାଶି Bidding ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାର 15 (ପନ୍ଦର) ଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ (DD) ଆକାରରେ ଜମା କରିବେ ।

9. ଲିଜଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗ ପ୍ଲାନ (Mining Plan) ଓ ପରିବେଶ ମଞ୍ଜୁର (Environmental Clearance) ହାସଲ କରିବା ସହିତ ଲିଜ ଚୁକ୍ତିନାମା (Lease Deed) ସୂଚନା ଦିଆଯିବାର 3 ମାସ ମଧ୍ୟରେ ସମ୍ପାଦନ କରିବେ, ଅନ୍ୟଥା ନିଲାମଟିକୁ ରୁଦ୍ଧ କରାଯାଇ Security Deposit ବାଜ୍ୟାପ୍ତି କରାଯିବ ।

10. Mining Plan ଓ Environmental Clearance ମଞ୍ଜୁରୀ ହେବାପରେ ଲିଜଧାରୀ, ରୟାଲଟି (Royalty) ବା Dead Rent, Surface Rent, Additional Charge, Contribution to the District Mineral Fund (DMF) ଓ Contribution to Environment Management Fund ରାଶି ପୈଠ କରିବେ । ସମ୍ପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜଧାରୀ ରେଜିଷ୍ଟ୍ରେସନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1999 ଅନୁଯାୟୀ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବେ ।

11. ଜମା Royalty ଓ Additional Charge ର 2% ଲିଜାଧାରୀ ଆୟକର (T.C.S.) ବାବଦକୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ୍ୟ ବହନ କରିବେ ।

12. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ବାରା ବାଡ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନକ୍ସା ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜକାରୀ ବହନ କରିବେ ।

13. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜକାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ ।

14. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ କାର୍ଯ୍ୟ ଦିବସରେ ଦେଖିପାରିବେ ଏବଂ ଇସ୍ତିହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ୍ http//:www.sundergarh.nic.in ରେ ମଧ୍ୟ ଦେଖିପାରିବେ ।

15. ଯଦି ଉକ୍ତ ଇସ୍ତିହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା , କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି ଓବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ତହସିଲଦାର, ଲେଫ୍ରିପଡା

ଜ୍ଞାପକ ସଂଖ୍ୟା 2342 ତାରିଖ 5-11-20

ଏହାର ଏକକିତା ନକଲ ସର୍ବସାଧାରଣଙ୍କ ବିଶେଷ ପ୍ରସାରଣ ଓ ଅବଗତି ନିମନ୍ତେ ଗୋଷ୍ଠି ଉନ୍ନୟନ ଅଧିକାରୀ, ଲେଫ୍ରିପଡା ସମସ୍ତ ସରପଞ୍ଚଙ୍କ କାର୍ଯ୍ୟାଳୟ, ଲେଫ୍ରିପଡା ବ୍ଲକ ଙ୍କ ଅବଗତି ଓ ନୋଟିସ ବୋର୍ଡରେ ପ୍ରଦର୍ଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ ଓ ରାଜସ୍ୱ ନିରୀକ୍ଷକ ଲେଫ୍ରିପଡା ଓ ଡୁମାବାହାଲ ଙ୍କ ଅବଗତି ଓ ନୋଟିସ ବୋର୍ଡରେ ପ୍ରଦର୍ଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ସଦର, ସୁନ୍ଦରଗଡ / ଜିଲ୍ଲାପାଳ, ସୁନ୍ଦରଗଡଙ୍କ ଅବଗତି ନିମନ୍ତେ ପଠାଇ ଦିଆଗଲା ।

ତହସିଲଦାର, ଲେଫ୍ରିପଡା